# NATIONAL NEWS BULLETIN (ODIA)
## 17 January - 2025
## Evening Bulletin : 7.15 P.M.

***********************************

## ମୁଖ୍ୟ ସମ୍ବାଦ

- ସ୍ୱାମୀତ୍ୱ ଯୋଜନା ଅଧୀନରେ ଆସନ୍ତାକାଲି ୬୫ ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ ।
- ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍‌ର ପୁନରୁଦ୍ଧାର ସମ୍ପର୍କିତ ପ୍ୟାକେଜ୍‌କୁ ମଞ୍ଜୁରୀ ପ୍ରଦାନ କଲେ କେନ୍ଦ୍ର କ୍ୟାବିନେଟ୍ ।
- ଭାରତ-ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଭୁବନେଶ୍ୱରରେ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ।
- ବିକଶିତ ଭାରତ ୨୦୪୭ ସ୍ୱପ୍ନ ସାକାର କରିବା ଦିଗରେ ଶକ୍ତି କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ କେନ୍ଦ୍ର ଶକ୍ତିମନ୍ତ୍ରୀ ।

ଏବଂ

- ଅଷ୍ଟ୍ରେଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟର ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ରୋହୋନ ବୋପାନ୍ନା ଓ ତାଙ୍କର ଚୀନ୍ ଯୋଡ଼ି ସୁହାଇ ଝାଙ୍ଗ୍' ପ୍ରି-କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ।

# ପିଏମ୍-ସମ୍ପତ୍ତିକାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ  ୫୦ ହଜାରରୁ ଅଧିକ ଗ୍ରାମର ସମ୍ପତ୍ତି ମାଲିକଙ୍କୁ ୬୫ ଲକ୍ଷରୁ ଅଧିକ ସମ୍ପତ୍ତି କାର୍ଡ ବଣ୍ଟନ କରିବେ । ଶ୍ରୀ ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସ୍ୱାମୀତ୍ୱ ଯୋଜନା ଅଧୀନରେ ସମ୍ପୃକ୍ତ ହିତାଧିକାରୀଙ୍କୁ ଏହି କାର୍ଡ ବଣ୍ଟନ କରିବେ । ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗକୁ ନେବା ଲକ୍ଷ୍ୟରେ  ପ୍ରଧାନମନ୍ତ୍ରୀ ଏହି ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଅତ୍ୟାଧୁନିକ ଡ୍ରୋନ୍ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମଗୁଡ଼ିକର ଜନବସତି ଅଞ୍ଚଳରେ ଘର ଥିବା ପରିବାର ଗୁଡ଼ିକୁ ଏହି ଯୋଜନା ଅଧୀନରେ ରେକର୍ଡ ଅଫ୍ ରାଇଟସ୍ ପ୍ରଦାନ କରାଯାଇଥାଏ । ବର୍ତ୍ତମାନ ୩ ଲକ୍ଷ ୧୭ ହଜାରରୁ ଅଧିକ ଗ୍ରାମରେ ଡ୍ରୋନ୍ ସର୍ଭେ ଶେଷ ହୋଇଛି, ଯେଉଁଥିରେ କି ୯୨ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟ ଥିବା ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିଭଳି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ଲାଗି ୨ କୋଟି ୨୫ ଲକ୍ଷ ସମ୍ପତ୍ତି କାର୍ଡ ପ୍ରସ୍ତୁତ କରାଯାଇଛି । ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ତ୍ରିପୁରା, ଗୋଆ, ଉତ୍ତରାଖଣ୍ଡ ଓ ହରିଆଣାରେ ଏହି ଯୋଜନା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇସାରିଛି । ତେବେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ଛତିଶଗଡ଼ ସମେତ ଅନ୍ୟ କେନ୍ଦ୍ର ଶାସିତ ଅଞ୍ଚଳରେ ଡ୍ରୋନ୍ ସର୍ଭେ ଶେଷ ହୋଇଥିବା ଜଣାପଡ଼ିଛି ।

## ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର କ୍ୟାବିନେଟ୍ ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡ୍‌ର ପୁନରୁଦ୍ଧାର ଲାଗି ୧୧ ହଜାର ୪୪୦ କୋଟି ଟଙ୍କା ମୂଲ୍ୟର ଏକ ପ୍ୟାକେଜ୍‌କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇ କହିଛନ୍ତି, ଗତକାଲି ଅନୁଷ୍ଠିତ କ୍ୟାବିନେଟ୍‌ର ଅର୍ଥନୈତିକ ବ୍ୟାପାର କମିଟି ବୈଠକରେ ଏହି ପ୍ୟାକେଜ୍‌କୁ ଅନୁମୋଦନ କରାଯାଇଛି । ଆନ୍ଧ୍ରପ୍ରଦେଶରେ ଅବସ୍ଥିତ ଇସ୍ପାତ୍ କ୍ଷେତ୍ରର ଏହି ଗୁରୁତ୍ୱପୂର୍ଣ୍ଣ କମ୍ପାନୀର କର୍ମଚାରୀ ତଥା ଏହାର ଅର୍ଥନୈତିକ କାର୍ଯ୍ୟକଳାପ ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ସିଙ୍ଗାପୁର ପ୍ରେଜ୍-ଓଡ଼ିଶା ଭିଜିଟ୍

ଭାରତ-ସିଙ୍ଗାପୁର ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଓଡ଼ିଶାର ଭୁବନେଶ୍ୱରରେ ଆଜି ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍‌ମୁଗ୍ ରତ୍‌ନମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଶ୍ୱ ଦକ୍ଷତା କେନ୍ଦ୍ର ପରିସରରେ ଅକ୍ଷୟଶକ୍ତି, ଇଣ୍ଡଷ୍ଟ୍ରିଆଲ୍ ପାର୍କ, ନୂତନ ସହରୀ ବିକାଶ, ସେମିକଣ୍ଡକ୍ଟର

କ୍ଷେତ୍ରରେ ଦକ୍ଷତା ବିକାଶ, ଗ୍ରୀନ୍ ହାଇଡ୍ରୋଜେନ୍ କରିଡର, ପେଟ୍ରୋଲିୟମ୍, ପେଟ୍ରୋକେମିକାଲ୍ସ ଏବଂ ରାସାୟନିକ କ୍ଷେତ୍ରରେ ନିବେଶ ଆଦିକୁ ନେଇ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ସିଙ୍ଗାପୁର ରାଷ୍ଟ୍ରପତି ଆସନ୍ତାକାଲି ତାଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ପୁରୀ ଜିଲ୍ଲାର ରଘୁରାଜପୁରୁ ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

# କେବୁଲ୍ ଅପରେଟର୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ’ ସ୍ଥାନୀୟ କେବୁଲ୍ ଅପରେଟର ପଞ୍ଜିକରଣ ପ୍ରକ୍ରିୟାକୁ ସୁସଂହତ କରିବା ଲାଗି କେବୁଲ୍ ଟେଲିଭିଜନ୍ ନେଟ୍‌ୱର୍କ ନିୟମ-୧୯୯୪ରେ ସଂଶୋଧନ କରିଛନ୍ତି । ଏହି ସଂଶୋଧିତ ନିୟମ ଅନୁଯାୟୀ ଆଜିଠାରୁ ସ୍ଥାନୀୟ କେବୁଲ ଅପରେଟର ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅନ୍‌ଲାଇନ୍‌ରେ ସମ୍ପନ୍ନ କରାଯିବ ବୋଲି ମନ୍ତ୍ରଣାଳୟ କହିଛି । ଆବେଦନକାରୀଙ୍କର ସବିଶେଷତଥ୍ୟ ଯାଞ୍ଚ କରିବା ପରେ ପଞ୍ଜିକରଣ ପ୍ରମାଣପତ୍ର ଜାରି କରାଯିବ । ସେହିଭଳି ଦେଶବ୍ୟାପି ସ୍ଥାନୀୟ କେବୁଲ୍ ଅପରେଟରଙ୍କର ପଞ୍ଜିକରଣ ସମୟସୀମା ୫ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ । ପଞ୍ଜିକରଣ କିମ୍ବା ନବିକରଣ ଲାଗି କେବୁଲ୍ ଅପରେଟରଙ୍କୁ ୫ ହଜାର ଟଙ୍କା ଦାଖଲ କରିବାକୁ ପଡ଼ିବ । ପଞ୍ଜିକରଣ

ଶେଷ ହେବାର ଅନ୍ତତଃ ୯୦ ଦିନ ପୂର୍ବରୁ ଆବେଦନକାରୀ ଏହାର ନବୀକରଣ ଲାଗି ଆବେଦନ କରିବାକୁ ଏହି ସଂଶୋଧିତ ନିୟମରେ ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଏହି ପଞ୍ଜିକରଣ ପ୍ରକ୍ରିୟା ଅଫ୍‌ଲାଇନ୍ ମାଧ୍ୟମରେ ସ୍ଥାନୀୟ ମୁଖ୍ୟ ଡାକଘରେ କରାଯାଉଥିଲା ।

## ସେଣ୍ଟର-ଫୁଡ୍

ଖାଉଟିଙ୍କର ସୁବିଧା ଲାଗି ଦେଶରେ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ମୂଲ୍ୟ ଓ ଉପଲବ୍ଧତା ଉପରେ କେନ୍ଦ୍ର ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ କହିଛି, ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ଏଗୁଡ଼ିକର ସ୍ଥିର ମୂଲ୍ୟ ବଜାୟ ରଖିବା ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏହି ସାମଗ୍ରୀ ଗୁଡ଼ିକର ଘରୋଇ ଉତ୍ପାଦନ ଲାଗି ସରକାର ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି । ମନ୍ତ୍ରଣାଳୟ କହିଛି, ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଦେଶରେ ଡାଲି ଓ ପିଆଜର ଅଧିକ ଉତ୍ପାଦନ ହେବ ବୋଲି ଆକଳନ କରାଯାଇଛି । ଗତବର୍ଷ ଦେଶରେ ୩୪ ଲକ୍ଷ ମେଟ୍ରିକ୍ ଟନ୍ ହରଡ଼ ଡାଲି ଉତ୍ପାଦନ ହୋଇଥିବା ବେଳେ ଚଳିତ ବର୍ଷ ଏହି ପରିମାଣ ୨ ଦଶମିକ୍ ୫ ପ୍ରତିଶତ ବୃଦ୍ଧି ହୋଇଛି । ସେହିଭଳି ମୁଗଡାଲି ଗତବର୍ଷ ୧୧ ଦଶମିକ୍ ୫/୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଥିବା ବେଳେ ଚଳିତ ବର୍ଷ ଏହା ବୃଦ୍ଧି ପାଇ

୧୩ ଦଶମିକ୍ ୮/୩ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ସେହିଭଳି ଅନୁକୂଳ ପାଣିପାଗ ଯୋଗୁଁ ଆଳୁ ଓ ପିଆଜର ଅମଳ ମଧ୍ୟ ଚଳିତ ଥର ବୃଦ୍ଧି ପାଇବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## କେନ୍ଦ୍ର ଶକ୍ତିମନ୍ତ୍ରୀ

ବିକଶିତ ଭାରତ ୨୦୪୭ ସ୍ୱପ୍ନ ସାକାର କରିବା ଦିଗରେ ଶକ୍ତି କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲ କହିଛନ୍ତି । ଆଜି ମନ୍ତ୍ରଣାଳୟର ସାଂସଦମାନଙ୍କ ପରାମର୍ଶ କମିଟି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଲାଲ କହିଛନ୍ତି, ବର୍ତ୍ତମାନ ଦେଶର ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି । ଦେଶର କ୍ରମବର୍ଦ୍ଧିଷ୍ଣୁ ଶକ୍ତି ଚାହିଦାକୁ ପୂରଣ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ସେହିଭଳି ସ୍ମାର୍ଟ୍ ମିଟର ସ୍ଥାପନ ସମ୍ପର୍କରେ ନିଜର ମତରଖି ଶ୍ରୀ ଲାଲ କହିଛନ୍ତି, ଏହାଦ୍ୱାରା ବିଦ୍ୟୁତ୍ ବିଲ୍‌ରେ ରହୁଥିବା ତ୍ରୁଟି ହ୍ରାସ ହେବା ସହ ଶକ୍ତି କ୍ଷମତା ମଧ୍ୟ ବୃଦ୍ଧି ପାଇବ, ଯାହାକି ଉଭୟ ଉପଭୋକ୍ତା ଓ ଆବଣ୍ଟନ କମ୍ପାନୀ ଗୁଡ଼ିକ ଲାଗି ଲାଭପ୍ରଦ ହେବ ବୋଲି କେନ୍ଦ୍ର ଶକ୍ତିମନ୍ତ୍ରୀ କହିଛନ୍ତି ।

# ଏମ୍ଇଏ-ବ୍ରିଫିଙ୍ଗ୍

ରୁଷ ସେନାରେ କାର୍ଯ୍ୟ କରୁଥିବା ଭାରତୀୟଙ୍କ ମଧ୍ୟରୁ ମୋଟ୍ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୬ ଜଣ ନିଖୋଜ ଅଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ରୁଷ ସେନାରେ କାର୍ଯ୍ୟ କରୁଥିବା ୯୬ ଜଣ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିସାରିଛନ୍ତି । ତେବେ କେରଳର ବିନିଲ୍ ବାବୁଙ୍କ ମୃତ୍ୟୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି । ସେହିଭଳି ଅନ୍ୟ ଜଣେ ଭାରତୀୟ ଆହତ ଅବସ୍ଥାରେ ମସ୍କୋର ଏକ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି ।

ବାଂଲାଦେଶ ସ୍ଥିତି ସମ୍ପର୍କରେ ପ୍ରତିକ୍ରିୟା ରଖି ଶ୍ରୀ ଜୟଶ୍ୱାଲ କହିଛନ୍ତି, ଭାରତ ଏହି ପଡ଼ୋଶୀ ଦେଶ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଚାହେଁ । ବୈଦେଶିକ ସଚିବ ବିକ୍ରମ ମିଶ୍ରି ନିକଟରେ ବାଂଲାଦେଶ ଗସ୍ତ କରିଥିଲେ । ଭାରତ ବାଂଲାଦେଶ ସହିତ ଏକ ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିବାକୁ ଚାହେଁ ବୋଲି ଏହି ଗସ୍ତ ଦ୍ୱାରା ପ୍ରତିଫଳିତ ହୋଇଛି ।

ଯୁକ୍ତରାଷ୍ଟ୍ର ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପ୍ରତିନିଧିତ୍ୱ କରିବେ ବୋଲି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟଶ୍ୱାଲ କହିଛନ୍ତି ।

ପୂର୍ବରୁ ସିଙ୍ଗାପୁର ରାଷ୍ଟ୍ରପତିଙ୍କର ଭାରତ ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରଣାଳୟର ପୂର୍ବାଞ୍ଚଳ ସଚିବ ଜୟଦୀପ ମଜୁମ୍‌ଦାର କହିଛନ୍ତି, ଭାରତ-ସିଙ୍ଗାପୁର ମଧ୍ୟରେ ହାଇଡ୍ରୋଜେନ୍ କରିଡ଼ର ଲାଗି କାର୍ଯ୍ୟ ଚାଲୁ ରହିଛି । ଦେଶର ପୂର୍ବାଞ୍ଚଳ ଟୁଟିକୋରିନ୍ ଓ ପାରାଦୀପ ଠାରେ ଦୁଇ ଦେଶ ମଧ୍ୟରେ ଏହି କରିଡ଼ର ସ୍ଥାପନ ଲାଗି କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀ ମଜୁମ୍‌ଦାର କହିଛନ୍ତି ।

## ଦିଲ୍ଲୀ-ଇଲେକ୍‌ସନ୍

୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆଜି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି । ୧ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଏହି ନିର୍ବାଚନ ଲାଗି ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆଜି ଶେଷ ଦିନରେ ବିଜେପିର ଶିଖ ରାଜ ଓ ନିରଜ ବସୟା ନିଜ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଆମ୍ ଆଦମୀ ପାର୍ଟିର ଅଓ୍ୱଧ ଓଝା, ରାଖି ବିଦଲାନ ଓ ବନ୍ଦନା କୁମାରୀଙ୍କ ସମେତ ଅନ୍ୟ ଦଳର ପ୍ରାର୍ଥୀମାନେ ମଧ୍ୟ

ନିଜ ନିଜ ମନୋନୟନପତ୍ର ଦାଖଲ କରିଛନ୍ତି । ଚଳିତ ମାସ ୧୦ ତାରିଖରୁ ଏହି ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଆସନ୍ତାକାଲି ପ୍ରାର୍ଥୀପତ୍ର ଗୁଡ଼ିକ ଯାଞ୍ଚ କରାଯିବ । ଆସନ୍ତା ସୋମବାର ହେଉଛି ଏହାର ପ୍ରତ୍ୟାହାରର ଶେଷ ଦିବସ ।

ଆସନ୍ତାମାସ ୫ ତାରିଖ ଦିନ ଦିଲ୍ଲୀ ବିଧାନସଭା ଲାଗି ଏକକ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଫେବୃୟାରୀ ୮ ତାରିଖ ଦିନ ଭୋଟ୍ ଗଣତି କରାଯିବ ।

## ପୁନେ-ନାଶିକ ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ପୁନେ-ନାଶିକ ରାଜପଥରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ପୁନେ ଗ୍ରାମାଞ୍ଚଳ ପୁଲିସ୍ ଅଧିକ୍ଷକ ପଙ୍କଜ ଦେଶମୁଖ ଏ ସମ୍ପର୍କରେ ଗଣମାଧ୍ୟମକୁ କହିଛନ୍ତି, ନାରାୟଣ ଗାଓଁକୁ ଯାଉଥିବା ଗୋଟିଏ ମିନି ଭ୍ୟାନ୍ ଏକ ଟେମ୍ପୋକୁ ପଛରୁ ଧକ୍କା ଦେବା ପରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଅନ୍ୟ ଏକ ବସ୍ ସହିତ ପୁଣି ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ଣାବିସ୍ ଦୁର୍ଘଟଣା ଯୋଗୁଁ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗ ଲାଗି ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

# ଅଷ୍ଟ୍ରେଲିଆନ୍ ଓପନ୍

ମେଲ୍‌ବୋର୍ଣ୍ଣ ଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ଟୁର୍ଣ୍ଣାମେଣ୍ଟର ମିକ୍ସଡ୍ ଡବଲ୍ସ ବର୍ଗରେ ଭାରତର ରୋହୋନ ବୋପାନ୍ନା ଓ ତାଙ୍କର ଚୀନ୍ ଯୋଡ଼ି ସୁହାଇ ଝାଙ୍ଗ୍ ପ୍ରି-କ୍ୱାର୍ଟରଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଆଜି ଏହି ଯୋଡ଼ି କ୍ରୋଏସିଆର ଇଭାନ୍ ଡୋଡିଗ୍ ଓ ଫ୍ରାନ୍ସର କ୍ରିଷ୍ଟିନା ମାଡେନୋଭିକ୍ ଯୋଡ଼ିଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି ।

ଆମେରିକାର' ଟେଲର୍ ଟାଉନ୍‌ସେଣ୍ଡ ଓ ମୋନ୍‌ଗେସ୍କର' ହ୍ୟୁଗୋ ନିସ୍‌ଙ୍କ ଯୋଡ଼ି ସହିତ ଅଷ୍ଟ୍ରେଲିଆର' ମାଡିସନ୍ ଇଙ୍ଗିଲସ୍ ଓ ଜାସନ୍ କୁବେର୍ ଯୋଡ଼ିର ହେବାକୁ ଥିବା ମୁକାବିଲାରେ ଯିଏ ଜିତିବେ ତାଙ୍କ ସହିତ ପ୍ରି-କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ବୋପାନ୍ନା-ଝାଙ୍ଗ୍ ଯୋଡ଼ିଙ୍କର ମୁକାବିଲା ହେବ ।